ଫାର୍ମ ହାଉସ୍‌ରେ ଗର୍ଭବତୀଙ୍କୁ ହତ୍ୟା ଘଟଣା

ସ୍ୱାମୀ, ସହଯୋଗୀ ସମେତ ଜେଲ୍ ଗଲେ ୪

ଭବାନୀପାଟଣା, ୧୩।୨ (ଉମିସ): ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶ୍ରୀପୁର ଫାର୍ମ ହାଉସରେ ପରକୀୟା ପ୍ରୀତିକୁ କେନ୍ଦ୍ର କରି ୮ ମାସର ଗର୍ଭବତୀ ବର୍ଷୀ ପତ୍ନୀଙ୍କୁ ଗଳା ଚିପି ହତ୍ୟା କରି ପୋତି ଦେବା ଘଟଣାରେ ଗତକାଲି ପୁଲିସ୍ ସ୍ୱାମୀ ଲଲିତ ଉରଫ ନୀଳମାଧବ ପଟେଲ ଓ ସହଯୋଗୀ କଳୁଗଡ଼ପୁର ନଗରର ବଣ୍ଟବନ୍ତ ଗଉଡ (୨୬)ଙ୍କୁ ପୁଲିସ୍ ଗିରଫ କରିଥିଲା। ସେପରେ, ଗତକାଲି ଅତଏବ ଅଧା ବର୍ଷୀୟ ଶାଶୁ ସୁମିତ୍ରା ପଟେଲ (୫୦) ଓ ମାଉସୀ ଶାଶୁ ଗୀତାଞ୍ଜଳି ପଟେଲ (୪୦)ଙ୍କୁ ମଧ୍ୟ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ଜାଉଡକୁ ପଠାଇଦେଇଛି ପୁଲିସ୍। ତଦନ୍ତରେ ଜଣାପଡିଛି ଯେ, ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଶ୍ରୀପୁର ଫାର୍ମ ହାଉସରେ ଗତ ଜାନୁଆରି ୨୬ ତାରିଖ ରାତିରେ ଗର୍ଭବତୀ ବର୍ଷୀ ପତ୍ନୀଙ୍କୁ ହତ୍ୟା କରି ପୋତି ଦିଆଯାଇଥିଲା। ଏହି ଘଟଣାରେ ପୁଲିସ୍ ତଦନ୍ତ ବେଳେ ଗତକାଲି ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଉକ୍ତ ଘଟଣା ସାମ୍ନାକୁ ଆସିଥିଲା।

ଅବସରପ୍ରାପ୍ତ ଫାର୍ମାସିଷ୍ଟଙ୍କ ଘର ଓ କ୍ଲିନିକ୍‌ରେ ସ୍ୱାସ୍ଥ୍ୟବିଭାଗର ଚଢ଼ଉ

ବେଆଇନ ଗର୍ଭପାତ କରୁଥିବା ସନ୍ଦେହ, ଔଷଧ ଜବତ

ଜଲୁଣ୍ଡା, ୧୩।୨ (ଉମିସ): ସୁବର୍ଣ୍ଣପୁର ଜିଲ୍ଲା ଜଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯାଜଲୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସାମ୍ନାରେ ଥିବା ଏକ କ୍ଲିନିକ୍‌ରେ ଶୁକ୍ରବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଚଢ଼ଉ କରିଥିଲା। ସେପରୁ କିଛି ଔଷଧ ଜବତ କରାଯାଇଥିବା ସୂଚନା ମିଳିଛି। ବେଆଇନ ଗର୍ଭପାତ କରୁଥିବା ସନ୍ଦେହରେ ଏହି ଚଢ଼ଉ କରାଯାଇଥିବା ବର୍ତ୍ତା ହେଉଛି।

ସୂଚନା ଅନୁସାରେ, ଏହି କ୍ଲିନିକ୍‌ରେ ବେଆଇନ ଗର୍ଭପାତ କରାଯାଉଥିବା ବିଷୟରେ କିଛିଦିନ ପୂର୍ବରୁ ଏକ ଗୋପନୀୟତାରେ ପ୍ରସାରିତ ହୋଇଥିଲା। ଜିଲ୍ଲାପାଳ ଓ. ନୃପରାଜ ସାହୁ ଓ ସିଡିଏମ୍‌ଓ ଡା. ଉଷାଦେବୀ ଦାସ ଏହା ଜାଣିବା ପରେ ପଦକ୍ଷେପ ନେଇଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସିଡିଏମ୍‌ଓ ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍ ଅବସରପ୍ରାପ୍ତ ଫାର୍ମାସିଷ୍ଟ ରାଓଲ ମେହେରଙ୍କ ଜଲୁଣ୍ଡା କ୍ଲିନିକ୍‌ରେ ଶୁକ୍ରବାର ଚଢ଼ଉ କରିଥିଲା। ଏହି ଟିମ୍‌ର ସଦସ୍ୟ ସୋନପୁର ଡାକ୍ତରଖାନାର ଅଧିକାରୀ ଡା. ଦୁର୍ଗାଦତ୍ତ ଦାସ, ବାରମହାଗଡ଼ପୁର ସ୍ୱାସ୍ଥ୍ୟ ବିଭାଗ ଭ୍ରମ୍ୟ ଅଧିକାରୀ ଡିକେଶ୍ୱରୀ ମାଝୀ, ଡେପୁଟି ଅଧିକାରୀ ଡା. ଦୁର୍ଗାଦତ୍ତ ପଣ୍ଡା, ପୁଲିସ ଅଧିକାରୀ, ଜିଲ୍ଲାପାଳ ସିଭିଲ ଡାକ୍ତର, ସରକାରୀ ଡେପୁଟି

ଜିଲ୍ଲାପାଳ ରାମଶଙ୍କର ଦାଶ, ଓସିଏସ୍ ୟୁ. ଡେ, ବନ୍ଦନଶେଖର ମିଶ୍ର ତଦନ୍ତରେ ସାମିଲ ହୋଇଥିଲେ। ଚଢ଼ଉ ସମୟରେ କିଛି ବେଆଇନ ଔଷଧ ଜୁନିକରୁ ଜବତ କରିଥିଲେ। ଅଜକାଲି ଔଷଧ ଶ୍ରୀ ମେହେର କୁହାଇ ଦେଉଥିବା ବର୍ତ୍ତା ହେଉଛି। ପରେ ଏହି ଟିମ୍ ବାରମହାଗଡ଼ପୁରସ୍ଥିତ ସନ୍ଧ୍ୟା ମେଡିକାଲ ଷ୍ଟୋରରେ ମଧ୍ୟ ଚଢ଼ଉ କରିଥିଲା। ଅନ୍ୟପକ୍ଷରେ ଦିନକ ଆଗରୁ ବାରମହାଗଡ଼ପୁରରେ ଶ୍ରୀ ମେହେରଙ୍କ ପରେ ଔଷଧ ରଖି ବିକ୍ରୟ କରୁଥିବା ଭେବେ ବେଆଇନ ଗର୍ଭପାତ କରୁଥିବା ସନ୍ଦେହରେ ବାରମହାଗଡ଼ପୁର ଥାନା ଆଇଆଇସି ଶଙ୍କରଧର ପାଣିଗ୍ରାହୀ, ମେଡିକାଲ ଅଫିସର ଡା. ସୁଭାଷ ପଣ୍ଡା, ଚନ୍ଦ୍ରସେଖର ତଦନ୍ତରେ ଗର୍ଭ ପରୀକ୍ଷା କିଟ୍ ଓ ଗର୍ଭନିରୋଧକ ପାର୍ଟସ ଜବତ ଔଷଧ ଜବତ କରିଥିବା ଜଣାପଡ଼ିଛି। ତିନି ପଞ୍ଜୀକରଣରେ ଜାଲୁଖିବା ଜୁନିକ୍‌ରୁ ଆଜାମୀ ଦିନରେ ସିଲ୍ କରାଯିବ ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି।

ଏକଟଙ୍କିଆ କ୍ଲିନିକ୍‌ର ୫ ବର୍ଷ ପୂର୍ତ୍ତି

ଯୋଡ଼ିହେଲା ସ୍ପାଇରୋମେଟ୍ରି ଓ ବିଏମ୍‌ଡି ପରୀକ୍ଷା ସେବା

ବୁର୍ଲା, ୧୩।୨ (ଉମିସ): ଲିମ୍‌ଗରେ ମେଡିସିନ୍ ବିଭାଗ ସହଭାଗୀ ପ୍ରତିପୋଷଣ ଡା. ଶଙ୍କର ରାମଚନ୍ଦ୍ରାଙ୍କଙ୍କ ଲୋକପ୍ରିୟ ଏକଟଙ୍କିଆ କ୍ଲିନିକ୍ ପାଞ୍ଚ ବର୍ଷ ପୂରଣ କରିଛି। ଏହି ଅବସରରେ କ୍ଲିନିକ୍‌ରେ ଦୁଇଟି ନୂତନ ସେବା ଯୋଡ଼ି ହୋଇଛି। ଏଣିକି ଗରିବ ରୋଗୀ ମାତ୍ର ଏକ ଟଙ୍କା ବିନିମୟରେ ସ୍ପାଇରୋମେଟ୍ରି (ଫୁସ୍‌ଫୁସ୍‌ର କାର୍ଯ୍ୟକାରିତା ମାପକ) ଓ ବିଏମ୍‌ଡି (ଅସ୍ଥି ଘନତ୍ୱ ମାପକ) ପରୀକ୍ଷା ସେବା ପାଇପାରିବେ। ଶୁକ୍ରବାର ଅନୁଷ୍ଠିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଡା. ରାମଚନ୍ଦ୍ରାଙ୍କଙ୍କ ବନ୍ଧୁଲାଲ ବିଜୟ ରାମଚନ୍ଦ୍ରାଙ୍କ ଏବଂ ପୁତ୍ରରେଶ ରାମଚନ୍ଦ୍ରାଙ୍କ, ବନ୍ଧୁଲାଲଙ୍କ ସୁନାବୀ ମହନ୍ତ, ଧାମପାଦ୍ରୀ ଡା. ଶିଶୀ ରାମଚନ୍ଦ୍ରାଙ୍କଙ୍କ ସହ ସମ୍ବାଦ ସମ୍ବଲପୁର ସଂଷ୍ଥାରେ ଉପମାହାପ୍ରବନ୍ଧକ ମୁକ୍ତ ନାୟକ, ବାଙ୍ଗଳବି ଦେବେନ୍ଦ୍ର ସାହୁ ଏବଂ ମନମାଣ୍ଡେ, ଅଜୁନଜାରୀ ଲକ୍ଷ୍ମୀଧର ମହାନ୍ତି, ସମାଜସେବୀ ଅଲୋକ ଗିରି, ଅତଳ ଘୋଷ ଓ ପ୍ରମୋଦ ଦାଶଙ୍କ ସହିତ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ପ୍ରଥମ ରୋଗୀ ଭାବରେ ଗିମଲ ସୁନାନାଙ୍କ ବି-ଏମ୍‌ଡି ଓ ବିଜି ଡାଣ୍ଡାଙ୍କ ସ୍ପାଇରୋମେଟ୍ରି ପରୀକ୍ଷା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଡା. ରାମଚନ୍ଦ୍ରାଙ୍କ ପ୍ରଥମେ ଏହି ଚିକିତ୍ସାରେ ଜିଏମ୍‌ଆଇ ଲାମ୍‌ରେ ଡାକ୍ତର ଅଭାବ ଜନିତ ବିଭିନ୍ନ ସେବା ଆରମ୍ଭ କରିଥିଲେ। ପରୀକ୍ଷା ପରିଚାଳନା ଏବଂ ଚିକିତ୍ସା ସେବା ପାଇଁ ଡାକ୍ତର ପୁଷ୍ପର ବାଲୁଙ୍କଲ, ଧୃଜମୁନ୍ଦ୍ର ଚାମପୁରରୁ ଆସିଥିଲେ। ଶେଷରେ ରାତିରେ ଫେରିବା ବେଳେ ଦୁର୍ଘଟଣା ଘଟିଥିବା ଅଭିଯୋଗ କରାଯାଇଛି।

ବାଇକରୁ ପଡ଼ି ଚାଳକ ମୃତ

ଧୃଅମୁନ୍ଦ୍ର ରାମପୁର, ୧୩।୨ (ଉମିସ): କଳାହାଣ୍ଡି ଜିଲ୍ଲା ଧୃଅମୁନ୍ଦ୍ର ରାମପୁର ଥାନା ଅନ୍ତର୍ଗତ ଦୁଦାପାଗୁଡ଼ା ନିକଟରେ ଆଜି ଏକ ବାଇକ୍ ନିୟନ୍ତ୍ରଣ ହରାଇ ପ୍ରାୟ ୧୫ ଫୁଟ୍ ତଳ ଖାଲ ଜମିକୁ ଖସି ପଡିଛିଲା। ଏହି ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ସେ ଗୁଣପୁର ନିକଟ ବାଲିଗଡ଼ା ଗ୍ରାମର କୃଷ୍ଣାର ମାଝୀ (୫୫) ବୋଲି ପୁଲିସ୍ ମୃତୁ ଜଣାପଡ଼ିଛି। ଏଦେଇ ଧୃଅମୁନ୍ଦ୍ର ରାମପୁର ଥାନା ପୁଲିସ୍ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇବା ପରେ ପରିବାର ବ୍ୟକ୍ତିଙ୍କୁ ହସ୍ତାନ୍ତର କରିଛି। ଗତକାଲି କୁମାର ଛୋଟୀ ଜାଣିରେ ତାଙ୍କ ପୁଅର ବାଲକଲ ଧୃଅମୁନ୍ଦ୍ର ଚାମପୁରରୁ ଆସିଥିଲା ବେଳେ ରାତିରେ ଫେରିବା ବେଳେ ଦୁର୍ଘଟଣା ଘଟିଥିବା ଅଭିଯୋଗ କରାଯାଇଛି।

ଚର୍ଚ୍ଚାରେ ସମରେନ୍ଦ୍ରଙ୍କ ବନ୍ଧୁମିଳନ

ଏକାଠି ହେଲେ ବଲାଙ୍ଗୀର, ଲୋଇସିଂହା ନିର୍ବାଚନମଣ୍ଡଳୀର କର୍ମୀ

ବଲାଙ୍ଗୀର, ୧୩।୨ (ଉମିସ): ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ପରେ ବଲାଙ୍ଗୀର ନିର୍ବାଚନମଣ୍ଡଳୀରେ କଂଗ୍ରେସର ଦିଗ୍ଗଜ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ବିଜିନ୍ଦ୍ର ବନ୍ଧୁମିଳନ କାର୍ଯ୍ୟକ୍ରମ କରୁଥିଲେ। ନିର୍ବାଚନ ଜିତିଲେ କଣ କରିବେ, ସେ ସମ୍ପର୍କରେ ବତାଇଥିଲେ। ଏବେ ସମରେନ୍ଦ୍ରଙ୍କ ସମ୍ବଳ ବନ୍ଧୁମିଳନ ବର୍ତ୍ତା ସୃଷ୍ଟି କରିଛି। ସମ୍ବଳପୁର, ପଶ୍ଚାତ୍ୟ ନିର୍ବାଚନ ପାଇଁ ବଳକୁ ନିଜ ପକ୍ଷ ସଂଗଠିତ କରିବାକୁ ଏହା ଉଦ୍ୟମ ବୋଲି ବର୍ତ୍ତା ହେଉଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଓ ଲୋଇସିଂହା ନିର୍ବାଚନମଣ୍ଡଳୀର ଦେବୁବର୍ଗ ଯୋଗ ଦେଇଥିଲେ। ସେ କହିଲେ, ନରସିଂହ ମିଶ୍ରଙ୍କ ଦେବୁବର୍ଗ ବଲାଙ୍ଗୀର ନିର୍ବାଚନମଣ୍ଡଳୀର ଅଭୂତପୂର୍ବ ବିକାଶ ସାରା ରାଜ୍ୟ ଦେଖିଛି। ଆମମାନଙ୍କ ପାଇଁ ରାଜନୀତି ଲଢିବା କେବଳ ପଦପଦବି କିମ୍ବା ନିର୍ବାଚନରେ ଜିତିବା ନୁହେଁ, ନିଜ ଅଞ୍ଚଳର

ଶିକ୍ଷା, ସ୍ୱାସ୍ଥ୍ୟ, କୃଷିସେବନ, ଜାମାଗମନ ଓ ଅର୍ଥନୈତିକ ବିକାଶ ପାଇଁ ରାଜନୀତି କରୁଛୁ। ରାଜ୍ୟରେ କଂଗ୍ରେସ ସରକାର ଆସିବାକୁ ହେଲେ ବୃଦ୍ଧମୂଳପ୍ରବୁଦ୍ଧ ପଶ୍ଚାତ୍ୟ ନିର୍ବାଚନରେ ଜିତିବାକୁ ପଡ଼ିବ। ଗାଁ, ପଞ୍ଚାୟତରେ ସଂଗଠନକୁ ଶକ୍ତ କରିବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକଜୁଟ ହୋଇ ଲୋକଙ୍କ ପାଇଁ କାମ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଲୋକଙ୍କ ପାଇଁ କାମ କରିବା ହିଁ ପ୍ରକୃତ ରାଜନୀତି ଓ ଏଥିରେ ଏକତା ବୃଦ୍ଧି ହୁଏ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମକୁ ବରିଷ୍ଠ ନେତା ଉମାଶଙ୍କର ପଣ୍ଡା ପରିଚାଳନା କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ବିଭୀଷ ଦେବୀ, ଅଶୋକ ନନ୍ଦ, ପୁରନ୍ଦର ଦାଶ, ରାଜକିଶୋର ବାବୁ, ଓମ୍‌ପ୍ରକାଶ କୁମ୍ଭାର ମଞ୍ଚାସୀନ ଥିଲେ।

ପତ୍ନୀ ନିଆଲ ହତ୍ୟା ମାମଲା

ହତ୍ୟାକାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଧର୍ମଗଡ଼, ୧୩।୨ (ଉମିସ): କଳାହାଣ୍ଡି ଜିଲ୍ଲା ଜୋଳଗରା ଥାନା ଅନ୍ତର୍ଗତ ବେଲିଗୁଡ଼ା ଭାଲିଅଙ୍କରଠାରେ ଘଟିଥିବା ଏକ ହତ୍ୟାକାଣ୍ଡର ରାୟ ପ୍ରକାଶ ପାଇଛି। ଅଭାବର ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ୨୦୧୪ ମସେପ୍ଟେମ୍ବର ମାସରେ ଡହଳୀ ନୁଆଗୁଡ଼ାର ପଦୁନ ନିଆଲ ଏକ ବଣ୍ଡାଛ ଜାର୍ଯ୍ୟ ସାଥି ବାଲକରେ ପେଉଛିଲା। ଝରିଆଗୁଡ଼ା ଭାଲିଅଙ୍କରଠାରେ ମାମଲା ଲାମ୍ବେଣ ଖଜାରୀଙ୍କ ପଦୁନଙ୍କ ଘରକୁ ଧକ୍କା ଦେଇଥିଲା। ଯାହାକୁ ନେଇ ମୃତକ ଓ ଲାମଗେନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଉଭୟଙ୍କୁ ହୋଲ ଲାମଗେନ ଧରିଥିବା ଡଙ୍ଗିଆରେ ପଦୁନଙ୍କ ମୁଣ୍ଡରେ ପ୍ରହାର କରିଥିଲା। ଗୁରୁତର ଅବସ୍ଥାରେ ପଦୁନଙ୍କୁ ପ୍ରଥମେ ଜୋଳଗରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଭିନ୍ନଥାନ ଅସ୍ପତାଲରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁତର ଅଭାବକ ଏହାର ବିଚାରକରି ବଣ୍ଡଦିଆନ କରିଛନ୍ତି। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଶାନ୍ତ ଦତ୍ତୀ ମାମଲା ପରିଚାଳନା କରିଥିଲେ।

ଆବର୍ଜନାରେ ପୋତି ଦେଉଛନ୍ତି ମହାନଦୀ

ସମ୍ବଲପୁର, ୧୩।୨ (ଉମିସ): ଓଡ଼ିଶାର ଜୀବନରେଖା ମହାନଦୀ ଏବେ ମହାନଦୀର ସ୍ୱଚ୍ଛ ନିର୍ମଳ ଜଳରାଶିକୁ ଦେଖି ପ୍ରବିହ ସମ୍ବଲପୁରୀ କବି ମହାଦଳଗୋୟାଲ ବିଦିରାର କେଶିଥିଲେ "ସମ୍ବଲପୁରର ମାଟିପାଣି ଜୀବନୀ ମାଗଳାଲା..." । ହେଲେ, ସମ୍ବଲପୁରରୁ କଟକ, ପାରାଦୀପ ପର୍ଯ୍ୟନ୍ତ ସହରୀ ପାଣି ପ୍ରଦୂଷିତ। ତେବେ, କଟକ ପ୍ରଦୂଷଣ ମାତ୍ରା ସବୁଠୁ ଅଧିକ। ମହାନଦୀ କୂଳରେ ଗଢ଼ି ଉଠିଥିବା ସହର ଗୁଡ଼ିକରୁ ନିର୍ଗତ ଆବର୍ଜନା ଜଳ ବିଧାନସଭା ମହାନଦୀରେ ମିଶୁଛି। ଜଳ ଜାଉଥାଳଗୁଡ଼ିକର ଆବର୍ଜନା ଜଳ ମିଶି ହୀରାକୁଦ ଜଳଭଣ୍ଡାରର ପାଣି ପ୍ରଦୂଷିତ ହେଉଛି। ହେଲେ, ସବୁଠୁ ମାରାତ୍ମକ ବିଷୟ ହେଲା, ଏବେ ମହାନଦୀକୁ ପୋତିବା ଆରମ୍ଭ ହୋଇଛି। ସମ୍ବଲପୁରର ଦ୍ୱିତୀୟ ମହାନଦୀ ଗେଡ଼ୁ ନିକଟରେ ଜାଲିଆ ଏବଂ ବେଆଇନ କାମ। ସହରର ଆବର୍ଜନା ଆଣି ଟିଂରୋଡ଼ ପାଖୁ ମହାନଦୀରେ ପୋତାଯାଉଛି। ଟ୍ରାକ୍ଟର ଗୁଡ଼ିକରେ ସହରର ଅଳିଆ ଆବର୍ଜନା ସହିତ ବିଭିନ୍ନ ପ୍ରକାର

ବର୍ଜ୍ୟବସ୍ତୁ, ଗୃହ ନିର୍ମାଣରେ ବ୍ୟବହୃତ ହୋଇଥିବା ସାମଗ୍ରୀ ମଧ୍ୟ ମହାନଦୀଘାଟରେ ପକାଯାଉଛି। ସ୍ଥାନୀୟ ଲୋକଙ୍କ ସହିତ ମହାନଦୀର ନିକଟର ଆବର୍ଜନାଗୁଡ଼ିକ ମଧ୍ୟ ଏଠାରେ ପଡୁଛି। ସ୍ୱଚ୍ଛ ଦିବାଲୋକରେ ଏହି କାମ ଚାଲିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛ ପାଖରେ ଏମରୁ ଦେଉଥିବା ବେଳେ ବଜେଟପଗାଗରେ ମିଶିଛି। ମାତ୍ର, ୩୫୫ କିଲୋମିଟର ଛତିଗଡ଼ରେ ପ୍ରବାହିତ ହୋଇଥିବା ହେଲେ ୪୭୬ କିଲୋମିଟର ଓଡ଼ିଶାରେ ପ୍ରବାହିତ ହେଉଛି। ଲକ୍ଷଲକ୍ଷ ଲୋକଙ୍କ ଜୀବନଜୀବିକା ନିର୍ଭର କରୁଥିବା ମହାନଦୀ କିନ୍ତୁ ଏବେ ଅଧିକାଂଶ ସମୟ ଶୁଖିଲା ରହୁଛି। ତୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁ ବର୍ଷର ଅଧିକାଂଶ ସମୟ ମହାନଦୀ ପ୍ରାୟତଃ ଶୁଖିଲା ପଡୁଛି। ଏହାର ମୁଖରେ ନେଇ ଲୋକେ ଶୁଷ୍କ ଶ୍ରମରେ ଆବର୍ଜନା ପକାଉଛି। ଆଗମ୍ବୁ କରିଛନ୍ତି। ଏମାନେ ସମ୍ବଲପୁରରେ ପ୍ରାୟ ୧୪ଟି ଜାଗାରେ ଆବର୍ଜନା ପାଣି ମହାନଦୀରେ ମିଶି ପ୍ରଦୂଷିତ କରୁଥିବା ଜଣାପଡ଼ିଛି।

ହାତୀ ଆକ୍ରମଣରେ ଜଣେ ମୃତ

ଭବାନୀପାଟଣା, ୧୩।୨ (ଉମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଚାଙ୍ଗେର ପଞ୍ଚାୟତର ପରମଙ୍ଗପୁରା ଗ୍ରାମରେ ଆଜି ସକାଳୁ ହାତୀ ଆକ୍ରମଣରେ ଜଣେ ଗ୍ରାମବାସୀ ମୃତ୍ୟୁ ହୋଇଛି। ମୃତକ ହେଲେ ପରମଙ୍ଗପୁରା ଗାଁର ଲୟା ମାଝୀ (୫୧)। ସୂଚନା ପାଇ ପୁଲିସ୍ ଓ ବନ ବିଭାଗ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଣେକ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ସମ୍ପାଦନ କରିଛି। ମୃତକ ଲୟା ଶୌଚ ହେବା ପାଇଁ ଘର ପଛ ପଟ ଜଙ୍ଗଲକୁ ଯାଉଥିବା ବେଳେ ଏକ ଜଙ୍ଗଲୀ ହାତୀ ତାଙ୍କୁ ଆକ୍ରମଣ କରି ବଧ କରିଛି ବୋଲି ଦେଖା ଯାଇଛି। ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଭୂଷଣ ଦେବେରା, ପରମେଶ୍ୱର ଲାଗତପ, ବିଶ୍ୱନାଥ ଦେବେରା, ପରମେଶ୍ୱର ବାଗାର, କିଶୋର ମାଝି, ବଳୁ ଶବର ପ୍ରମୁଖ ମୃତକଙ୍କ ପରିବାରକୁ ଭେଟି ସରକାରୀପ୍ରରେ ଅନୁକମ୍ପା ଯୋଗାଇଦେବାକୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ବଡ଼ମାଳ ଗୋଲାବାରୁଦ କାରଖାନାର ନୂତନ ମୁଖ୍ୟ ମହାପ୍ରବନ୍ଧକ

ସରଡ଼ଲା, ୧୩।୨ (ଉମିସ): ବଲାଙ୍ଗୀର ଜିଲ୍ଲା ବଡ଼ମାଳ ଗୋଲାବାରୁଦ କାରଖାନାର ନୂତନ ମୁଖ୍ୟ ପ୍ରବନ୍ଧକ ଭାବେ ବିଦ୍ୟୁତ କୁଶଳୀ ପଟେଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଓଏସ୍‌ଏସ୍ - ୨୦୦୦ ବ୍ୟାଚର ଅଧିକାରୀ ଶ୍ରୀ ପଟେଲ ମ୍ୟାନିଫାକ୍ଚରିଂ ଅଫିସର ଲିମିଟେଡ (ଏମ୍‌ଆଇ-ଏଲ୍) ର ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମ ବିହାରରୁ ବୋଲ ଗତ ୧୧ ତାରିଖରେ କାରଖାନାର ଦାୟିତ୍ୱ ନେଇଛନ୍ତି। ପୂର୍ବରୁ ଶ୍ରୀ ପଟେଲ ଏହି କାରଖାନାରେ ୨୦୦୭ ରୁ ୨୦୦୯ ପର୍ଯ୍ୟନ୍ତ ଅବସ୍ଥାପିତ ଥିଲେ। ଶ୍ରୀ ପଟେଲ ସମ୍ବଲପୁର ଜିଲ୍ଲା ବାମରାର ଅଧିବାସୀ ଅଟନ୍ତି। ସୂଚନା ଯୋଗ୍ୟ ଯେ, କାରଖାନାର ଅସ୍ଥାୟୀ ଅଧିକାରୀ ଭାବେ ଅବସ୍ଥାପିତ ପ୍ରମୋଦ ଜିମେଜଙ୍କଙ୍କ ପୁଣେ ସ୍ଥିତ ଏଚ୍‌ଏ-୩ପୁରୁ ସ୍ଥାନାନ୍ତରଣ ପରେ ଶ୍ରୀ ପଟେଲଙ୍କୁ ମୁଖ୍ୟ ପ୍ରବନ୍ଧକ ଦାୟିତ୍ୱ ଦିଆଯାଇଛି।

କେନାଲରେ ପଡ଼ି ମହିଳା ମୃତ

ଅଠାଦିରା, ୧୩।୨ (ଉମିସ): ବରଗଡ଼ ଜିଲ୍ଲା ଅଠାଦିରା ଥାନା ବଲୁଲିପାର୍ଶ୍ୱରେ ଏକ ମାଲଜର କେନାଲରେ ପଡ଼ି ଉକ୍ତ ଗାଁର ଲୋକପତି ବାଗଦରା (୫୮)ଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନାନୁସାରେ ଲୋକପତି ଆଜି ଖରା ସମୟରେ ତାଙ୍କ ଘର ଅଗଣାରେ ଝାଡ଼ୁ କରୁଥିବା ସମୟରେ ହଠାତ୍ ଅତେତ ହୋଇ କେନାଲକୁ ଖସିପଡ଼ିଥିଲେ। ବହୁ ସମୟ ଧରି କେନାଲ ପାଣି ଭିତରେ ଅଚେତ ହୋଇ ପଡ଼ିରହିବା ଦ୍ୱାରା ତାଙ୍କ ମୃତ୍ୟୁ ହୋଇଯାଇଥିଲା। ଖବର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ମୁଖ୍ୟ ଡାକ୍ତରଖାନାକୁ ପଠାଇଲା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

କୋଟିକୋଟିର ସାଇବର୍ ଠକେଇ, ୨ଗିରଫ

ବଲାଙ୍ଗୀର, ୧୩।୨ (ଉମିସ): ବଲାଙ୍ଗୀର ସାଇବର ପୁଲିସ କୋଟି କୋଟି ଟଙ୍କାର ସାଇବର ଠକେଇର ପର୍ଦ୍ଦାଫାଶ କରିଛି। ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବଲାଙ୍ଗୀର ସଦର ଥାନା ଚୁଲାପାଲି ଦେବାଶିଷ ଜାଲି ଓ ସୌମ୍ୟରଞ୍ଜନ କର୍ଣ୍ଣାଟକ। ସେମାନେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଅଧିକ ଉପାୟରେ ଟଙ୍କା ଠକେଇ କରୁଥିଲେ। ପଶ୍ଚିମବଙ୍ଗର ସାଇବର

ଠକାମାଳନ ମଧ୍ୟ ଏଥିରେ ସମ୍ପୃକ୍ତ ଅଛନ୍ତି। ବଲାଙ୍ଗୀର ଏସପି ଅଭିଲାଷ ଜି ଜିଲ୍ଲାରେ ଏଯାଏ